# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

## 12 October – 2025

## ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା

ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଦ୍ୱାରା ଡାଲିଜାତୀୟ ଫସଲ ଉତ୍ପାଦନ ବଢ଼ିବ ଏବଂ ବିଦେଶରୁ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏହି ଯୋଜନାରେ ଚାଷୀପରିବାର ସ୍ୱଚ୍ଛଳ ହେବେ ଏବଂ ସେମାନଙ୍କର ଆୟ ବୃଦ୍ଧି ପାଇବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ପାଇଁ ଗତକାଲି ୪୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ଶୁଭାରମ୍ଭ କରିଛନ୍ତି। ଦେଶର ୧୦୦ଟି ଜିଲ୍ଲାରେ ପିଏମ୍ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲିଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି । ଓଡିଶାର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଓ ନୂଆପଡା ଜିଲ୍ଲାକୁ ଏହି ଯୋଜନାରେ ସାମିଲ କରାଯାଇଛି। ଦେଶର ୧ ଦଶମିକ ୭କୋଟି କୃଷକ ଏହା ଦ୍ୱାରା ଉପକୃତ ହେବେ। ୨୪ ହଜାର କୋଟି ଟଙ୍କା ବ୍ୟୟରେ ପିଏମ୍ ଧନଧାନ୍ୟ କୃଷି ଯୋଜନା, ୧୧ ହଜାର ୪୪୦ କୋଟି ଟଙ୍କା ବ୍ୟୟରେ ଡାଲିରେ ଆତ୍ମନିର୍ଭରଶୀଳତା ମିଶନ ଏବଂ ପଶୁପାଳନ, ମତ୍ସ୍ୟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଏକାଧିକ ଯୋଜନାର ଶୁଭାରମ୍ଭ କୃଷି ଉତ୍ପାଦ ସଂଗଠନ ସହ ଚାଷ, ଦୁଗ୍ଧ ଓ ମତ୍ସ୍ୟ ସମବାୟ ସମିତି ଗଠନକୁ ସୁଦୃଢ଼ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି।

**- V/O -(PM)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କର୍ଲାପଡା ନିୟନ୍ତ୍ରିତ ବଜାର ପରିସରରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାଂସଦ ମାଳବିକା ଦେବୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀ ସୁରେଶ ଚନ୍ଦ୍ର ପ୍ରଧାନ ତାଙ୍କର ପ୍ରତିକ୍ରିୟାରେ ସରକାରଙ୍କର ଏହି ପଦକ୍ଷେପ ବିଷୟରେ କହିଛନ୍ତି:

**V/O -(Suresha ch Pradhan)**

## ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀ

ବାର୍ବାଡୋସର ବ୍ରିଜଡାଉନ୍ ଠାରେ ଚାଲିଥିବା ରାଜ୍ୟଗୋଷ୍ଠୀସଂସଦୀୟ ସଂଘ ଓ ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଛନ୍ତି । ଏକ ବୈଶ୍ୱିକ ସହଭାଗୀ ଓ ଲିଙ୍ଗଗତ ସମାନତା ପାଇଁ ପ୍ରଗତି, ଆହ୍ୱାନ ଓ ମାର୍ଗ ବିଷୟରେ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି । ବାଚସ୍ପତି କହିଛନ୍ତି, ଭାରତ ହେଉଛି ଗଣତନ୍ତ୍ରର ଜନନୀ । ଗଣତନ୍ତ୍ର କେବଳ ଏକ ରାଜନୀତିକ ବ୍ୟବସ୍ଥା ନୁହେଁ ଏହା ଆମର ବିଶ୍ୱାସ, ଉତ୍ସାହ ଓ ଜୀବନଧାରଣର ମାର୍ଗ ।

## ଶକ୍ତିମନ୍ତ୍ରୀ

କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ଗତକାଲି କଟନ ଆସୋସିଏସନ୍ ଅଫ ଓଡିଶାର ସଦସ୍ୟମାନଙ୍କ ସହ ସାକ୍ଷାତ କରି କପାଚାଷ ତଥା ଏହାର ବିପଣନ ବ୍ୟବସ୍ଥାରେ ସମସ୍ୟାକୁ ନେଇ ଆଲୋଚନା କରିଛନ୍ତି । କେନ୍ଦ୍ର କଟନ କର୍ପୋରେସନ ଅଫ ଇଣ୍ଡିଆ

ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରାଯିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।

# ଅମୃତ ସମ୍ବାଦ କାର୍ଯ୍ୟକ୍ରମ

ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଦ୍ୱାର ସ୍ୱଚ୍ଛତା ଅଭିଯାନ ପଞ୍ଚମ ପର୍ଯ୍ୟାୟ ଅନ୍ତର୍ଗତ 'ଅମୃତ ସମ୍ବାଦ' କାର୍ଯ୍ୟକ୍ରମ ଆୟୋଜିତ ହେଇଯାଇଛି । ରେଳବାଇ ପରିସର ଏବଂ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଏହି ସ୍ୱଚ୍ଛତା ସ୍ୱତନ୍ତ୍ର ଅଭିଯାନକୁ ବିଭିନ୍ନ ଷ୍ଟେସନ ଠାରେ ଆୟୋଜନ କରୁଛି । ଦିବ୍ୟାଙ୍ଗଜନ ଯାତ୍ରୀ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରିବା ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱପ୍ରଦାନ କରାଯାଇଛି ।

## ବିଶ୍ୱ ଗଣ୍ଠିବାତ ଦିବସ

ଆଜି ୱାର୍ଲଡ ଆଥ୍ରାଇଟ୍‌ସ ଡେ ବା ବିଶ୍ୱ ଗଣ୍ଠିବାତ ଦିବସ। ପ୍ରତି ବର୍ଷ ଅକ୍ଟୋବର ୧୨ ତାରିଖରେ ଏହି ଦିବସ ପାଳନ କରାଯାଏ। ଚଳିତ ବର୍ଷର ବାର୍ତ୍ତା ରହିଛି 'ସ୍ୱପ୍ନର ଶକ୍ତି - ବ୍ୟକ୍ତିଗତ ଲକ୍ଷ୍ୟ'। ଗଣ୍ଠିବାତ ରୋଗ ପ୍ରତି ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୂଳଲକ୍ଷ୍ୟ। ୧୯୯୬ ମସିହାରେ ପ୍ରଥମଥର ପାଇଁ ବିଶ୍ୱ ଗଣ୍ଠିବାତ ଦିବସ ପାଳନ କରାଯାଇଥିଲା। ବର୍ତ୍ତମାନ ସମୟରେ ଆଣ୍ଠୁଗଣ୍ଠିବାତ ସମସ୍ୟା ବିଶ୍ୱର

ପ୍ରମୁଖ ସମସ୍ୟାଭାବେ ଉଭା ହୋଇଛି । ଆର୍ଥ୍ରାଇଟ୍ସ ଏକ ଖଞ୍ଜାଜନିତ ସମସ୍ୟା । ଖଞ୍ଜାରେ କୌଣସି ପ୍ରକାର ସମସ୍ୟା ଦେଖାଗଲେ ଏହା ମଣିଷକୁ ଚଳପ୍ରଚଳରେ ଅସୁବିଧା ସୃଷ୍ଟି କରିଥାଏ । ଆର୍ଥ୍ରାଇଟ୍‌ସ ରୋଗଠୁ ଦୂରେଇ ରହିବା ଓ ଏହା ସହ ମୁକାବିଲା କରିବା ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ । ଏ ନେଇ ଦୈନିକ ବ୍ୟାୟମ କରିବା ସହ କିଛି ସମୟ ଚଲାବୁଲା କରିବା ଆବଶ୍ୟକ ।

## ଭଲିବଲ୍

ଭଦ୍ରକର ଚରମ୍ପାଠାରେ ଅଣସ୍ତରୀତମ ରାଜ୍ୟସ୍ତରୀୟ ଭଲିବଲ ଚାମ୍ପିୟନସିପ୍ ପ୍ରତିଯୋଗିତା ଗତକାଲିଠାରୁ ଆରମ୍ଭ ହୋଇଛି । ରାଜ୍ୟର ୩୦ଟି ଜିଲ୍ଲାର ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ୧୪ରୁ ୧୭ବର୍ଷ ବୟସର ବିଦ୍ୟାଳୟର ପିଲାମାନେ ଏହି ପ୍ରତିଯୋଗିତା ଭାଗ ନେଇଛନ୍ତି । ଏହି ପ୍ରତିଯୋଗିତା ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଚାଲିବ । ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାର ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ ପ୍ରମୁଖ ଯୋଗଦେଇ କ୍ରୀଡା ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ ।

## ପୋଲିଓ ଦିବସ

ଦେଶରୁ ପୋଲିଓ ମୁକ୍ତ କରିବା ନେଇ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ପ୍ରତିବଦ୍ଧତା ଯୋଗୁଁ  ପୋଲିଓ ରୋଗକୁ ଦୂର କରାଯାଇପାରିଛି । ହେଲେ ଭାରତର ପଡୋଶୀ ରାଷ୍ଟ୍ରମାନଙ୍କରେ ଏବେ ମଧ୍ୟ ପୋଲିଓ ଦେଖାଦେଉଥିବା ପରିପ୍ରେକ୍ଷୀରେ ଆଶଙ୍କା କରି ଉଭୟ କେନ୍ଦ୍ର ଓ ରାଜ୍ୟ

ସରକାରଙ୍କ ପକ୍ଷରୁ ପୋଲିଓ ଉନ୍ମୋଳନ ଅଭିଯାନ ଜାରି ରଖିଛନ୍ତି । ଦୁଇବୁନ୍ଦା ପ୍ରତ୍ୟେକ ଥର ପୋଲିଓ ଉପରେ ବିଜୟ ରହିବା ନିରନ୍ତର ପ୍ରୟସାର ଅଭିଯାନ ନେଇ ଆଜି ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ,ଗଜପତି ଗଞ୍ଜାମ, କେଉଁଝର, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ ଜିଲ୍ଲା ସହିତ ସମସ୍ତ ମହାନଗର ନିଗମ ଅଞ୍ଚଳରେ ପୋଲିଓ ବୁନ୍ଦା ଖୁଆଇବାର ଆୟୋଜନ କରାଯାଇଛି ।